### ଟାଇମ୍ସ ହାୟର ଏଜୁକେସନ୍ ବିଶ୍ୱବିଦ୍ୟାଳୟ ବିଶ୍ୱ ର୍ୟାଙ୍କିଂ

# ସ୍ଥାନ ପାଇଲା କିଟ୍, ଆଇଆଇଟି ଓ ଏନ୍ଆଇଟି

ଭୁବନେଶ୍ୱର, ୨୭ ।୯: (ଭୁ.ପ୍ର) ଟାଇମ୍ସ ହାୟର ଏଜୁକେସନ ବିଶ୍ୱବିଦ୍ୟାଳୟ ବିଶ୍ୱ ର୍‌ୟାଙ୍କିଂ ୨୦୧୯ରେ କିଟ୍ ବିଶ୍ୱବିଦ୍ୟାଳୟ ସ୍ଥାନ ପାଇଛି । ଏହି ବିଶ୍ୱସ୍ତରୀୟ ର୍‌ୟାଙ୍କିଂରେ ଓଡ଼ିଶାର ଭୁବନେଶ୍ୱର ଆଇଆଇଟି ଓ ରାଉରକେଲା ଏନ୍ଆଇଟି ମଧ୍ୟ ଏହି ସମ୍ମାନଜନକ ତାଲିକାରେ ରହିଛି । 'ଦି ଟାଇମ୍ସ ହାୟର ଏଜୁକେସନ୍' ପକ୍ଷରୁ ସେପ୍ଟେମ୍ବର ୨୬ତାରିଖରେ ୨୦୧୯ ବର୍ଷ ପାଇଁ ପ୍ରକାଶିତ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟର ର୍‌ୟାଙ୍କିଂ ତାଲିକାରେ କିଟ୍ '୧୦୦୧+ ତମ' ସ୍ଥାନ ହାସଲ୍ କରିଛି ।

ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍ଆଇଟି), ରାଉରକେଲା ଓ ଭୁବନେଶ୍ୱର ଆଇଆଇଟି ର୍‌ୟାଙ୍କିଂ'ର ୬୦୧-୮୦୦ ସମୂହରେ ସ୍ଥାନ ହାସଲ କରିବାରେ ସଫଳ ହୋଇଛି । ୧୯୯୭ରେ ପ୍ରତିଷ୍ଠିତ କିଟ୍ ବୃତ୍ତିଗତ ଓ ବୈଷୟିକ ଶିକ୍ଷା କ୍ଷେତ୍ରରେ ମାତ୍ର ୨୦ ବର୍ଷର ଶିକ୍ଷାନୁଷ୍ଠାନ ହୋଇଥିବା ବେଳେ ୨୦୦୪ରେ ଏହା ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଥିଲା । ଏଭଳି ବିଶ୍ୱସ୍ତରୀୟ ର୍ୟାଙ୍କିଂରେ ସ୍ଥାନ ପାଇବାରେ କିଟ୍ ହେଉଛି ସମଗ୍ର ପୂର୍ବ ଭାରତର ଏକମାତ୍ର ଘରୋଇ ବିଶ୍ୱବିଦ୍ୟାଳୟ ।

ଟାଇମ୍ସ ହାୟର୍ ଏଜୁକେସନ୍ ପକ୍ଷରୁ ଚଳିତବର୍ଷ କରାଯାଇଥିବା ଏହି ର୍ୟାଙ୍କିଂ ପ୍ରକ୍ରିୟାରେ ବିଶ୍ୱର ୮୬ଟି ଦେଶର ବିଶ୍ୱବିଦ୍ୟାଳୟର ୧୨୫୮ଟି ଶିକ୍ଷାନୁଷ୍ଠାନ ଅଂଶଗ୍ରହଣ କରିଥିଲେ । ଏହା ହେଉଛି ଏକମାତ୍ର ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ର୍ୟାଙ୍କିଂ ତାଲିକା ଯାହା କି ବିଶ୍ୱବିଦ୍ୟାଳୟଗୁଡ଼ିକର ଅନ୍ୟାନ୍ୟ ଦିଗ ଛଡ଼ା ଗବେଷଣାକୁ ପ୍ରାଧାନ୍ୟ ଦେଇଥାଏ । ଏହି ର୍ୟାଙ୍କିଂ ପ୍ରକ୍ରିୟାରେ ଶିକ୍ଷାଦାନ, ଗବେଷଣା, ପ୍ରଶଂସା, ଇଣ୍ଡଷ୍ଟ୍ରି ଇନ୍‌କମ୍, ଅନ୍ତର୍ରାଷ୍ଟ୍ରୀୟ ଦୃଷ୍ଟିକୋଣ ସମେତ ଛାତ୍ରଛାତ୍ରୀ ସଂଖ୍ୟା, ଛାତ୍ର-ଶିକ୍ଷକ ଅନୁପାତ, ଅନ୍ତର୍ଜାତୀୟ ଛାତ୍ରଛାତ୍ରୀ ସଂଖ୍ୟା, ଛାତ୍ର ଓ ଛାତ୍ରୀଙ୍କ ଅନୁପାତ ଆଦିକୁ ମାନଦଣ୍ଡ ଭାବେ ନିଆଯାଇଥାଏ । କିଟ୍‌ର ଏହି ସଫଳତାରେ ଆନନ୍ଦ ପ୍ରକାଶ କରି ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, ଛାତ୍ରଛାତ୍ରୀ ଏବଂ କର୍ମଚାରୀଙ୍କ ନିରବଚ୍ଛିନ୍ନ ପରିଶ୍ରମ ଓ ସର୍ବୋପରି ଭଗବାନଙ୍କ ଆଶୀର୍ବାଦ ଯୋଗୁଁ ଏହା ସମ୍ଭବ ହୋଇପାରିଛି ।

ଭୁବନେଶ୍ୱର ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର.ଭି.ରାଜାକୁମାର କହିଛନ୍ତି ସ୍ୱଚ୍ଛ ଆଭିମୁଖ୍ୟ ଯୋଗୁ ଏହି ପରି ସମ୍ମାନଜନକ ର୍ୟାଙ୍କିଂରେ ସ୍ଥାନ ମିଳିଛି । ଏହି ସଫଳତା ପାଇଁ ସମସ୍ତେ ଭାଗିଦାର ଓ ଧନ୍ୟବାଦର ପାତ୍ର ବୋଲି କହିଛନ୍ତି ।